# NATIONAL NEWS BULLETIN (ODIA)

## 10 October 2026

### Morning Bulletin : 7.15 A.M.

******************************

## ମୁଖ୍ୟ ସମ୍ବାଦ

- ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକୁ ଜନ-ସହଭାଗିତାର କେନ୍ଦ୍ର ଭାବେ ବିକଶିତ କରିବାକୁ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ ।

- ଭାରତକୁ ବିଶ୍ୱସ୍ତରୀୟ ଦକ୍ଷ ମାନବ ସମ୍ବଳ କେନ୍ଦ୍ର ଭାବେ ଗଢ଼ିବା ଲାଗି ନିରନ୍ତର ଉଦ୍ୟମ କରୁଛନ୍ତି ସରକାର, କହିଲେ ଶ୍ରୀ ମୋଦୀ ।

- ବିଶ୍ୱ ସଂକଟ ସମୟରେ ବିକାଶଶୀଳ ଦେଶଗୁଡ଼ିକ ଉପରେ ପଡୁଥିବା ପ୍ରଭାବକୁ ଅଣଦେଖା କରାଯାଇ ପାରିବ ନାହିଁ ବୋଲି ବୈଦେଶିକ ମନ୍ତ୍ରୀଙ୍କ ଗୁରୁତ୍ୱାରୋପ ।

ଏବଂ

- ଟି-ଟ୍ୱେଣ୍ଟି ଆନ୍ତର୍ଜାତିକ କ୍ରିକେଟ୍ ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍‌ରେ ୬ ୱିକେଟ୍‌ରେ ଭାରତକୁ ପରାସ୍ତ କଲା ୱେଷ୍ଟଇଣ୍ଡିଜ୍ ।

# ପିଏମ୍-ଓ୍ବିମାନ ସମିଟ୍

ମହିଳା ଓ ଶିଶୁ ବିକାଶ ବିଭାଗ ସମ୍ମିଳନୀରେ କିଶୋରୀମାନଙ୍କ ସ୍ୱାସ୍ଥ୍ୟ, ପୋଷଣ ଓ ସାମଗ୍ରିକ ବିକାଶ ଉପରେ ଅଧିକ ଗୁରୁତ୍ୱ ଦେବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆହ୍ୱାନ ଦେଇଛନ୍ତି । ଗତକାଲି ନୂଆଦିଲ୍ଲୀରେ ମହିଳା ଓ ଶିଶୁ ବିକାଶ ସମ୍ପର୍କିତ ଦୁଇଦିନିଆ ଜାତୀୟ ବିଭାଗୀୟ ସମ୍ମିଳନୀର ଉଦ୍‌ଯାପନୀ ଅଧିବେଶନରେ ଅଧ୍ୟକ୍ଷତା କରି ଶ୍ରୀ ମୋଦୀ ଏହା କହିଛନ୍ତି ।

ଜନଭାଗିଦାରୀ ଉପରେ ଗୁରୁତ୍ୱ ଦେଇ ପ୍ରଧାନମନ୍ତ୍ରୀ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକୁ ଜନସହଭାଗିତାର କେନ୍ଦ୍ର ଭାବେ ବିକଶିତ କରିବାକୁ କହିଛନ୍ତି । ବିଶେଷ ଅବସରରେ ଅଙ୍ଗନବାଡ଼ି କେନ୍ଦ୍ର ନିକଟରେ ରହୁଥିବା ପରିବାରଗୁଡ଼ିକ ପିଲାମାନଙ୍କ ପାଇଁ ପୁଷ୍ଟିକର ଖାଦ୍ୟ, ଖେଳନା ଏବଂ ଅନ୍ୟାନ୍ୟ ଆବଶ୍ୟକ ସାମଗ୍ରୀ ଯୋଗାଇଦେବାକୁ ସେ ପରାମର୍ଶ ଦେଇଛନ୍ତି ।

ମହିଳାଙ୍କ ସୁରକ୍ଷା ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ ପିଲାମାନଙ୍କ ବୟସ ଅନୁଯାୟୀ ମହିଳାଙ୍କ ସୁରକ୍ଷା, ମର୍ଯ୍ୟାଦା ଓ ସଶକ୍ତୀକରଣ ସମ୍ପର୍କିତ ଶିକ୍ଷଣୀୟ ପାଠ୍ୟକ୍ରମ ପ୍ରସ୍ତୁତ କରିବାକୁ କହିଛନ୍ତି । ଏଥିସହ ବିଭିନ୍ନ ବିଭାଗର ସମନ୍ୱିତ ପ୍ରୟାସ ମାଧ୍ୟମରେ ଆଗୁଆ ପ୍ରତିରୋଧମୂଳକ ପଦକ୍ଷେପ ନେବା ଉପରେ ସେ ଗୁରୁତ୍ୱ ଦେଇଛନ୍ତି ।

କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ସହଯୋଗଭିତ୍ତିକ ନିଷ୍ପତ୍ତି ଗ୍ରହଣର ଆବଶ୍ୟକତା ଉପରେ ମଧ୍ୟ ଶ୍ରୀ ମୋଦୀ ଗୁରୁତ୍ୱାରୋପ କରିଛନ୍ତି। ଜିଲ୍ଲା, ନଗରପାଳିକା ଓ ମହାନଗର ନିଗମ ସ୍ତରରେ ଚିନ୍ତନ ଶିବିର ଆୟୋଜନ କରି ଅଭିଜ୍ଞତା, ନୂତନ ପଦକ୍ଷେପ ଓ କ୍ଷେତ୍ରସ୍ତରର ବ୍ୟବହାରିକ ସମାଧାନର ଆଦାନପ୍ରଦାନ କରିବାକୁ ସେ ରାଜ୍ୟଗୁଡ଼ିକୁ ପରାମର୍ଶ ଦେଇଛନ୍ତି।

ସ୍ୱଚ୍ଛତା ଅଭିଯାନରେ ସକ୍ରିୟ ଭାବେ ସାମିଲ ହେବାକୁ ଦେଶର ସମସ୍ତ ମହିଳା ଓ ଶିଶୁ ବିକାଶ ବିଭାଗକୁ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ସ୍ୱାସ୍ଥ୍ୟ ଓ ପୁଷ୍ଟିର ଆଧାର ସ୍ୱଚ୍ଛତା ବୋଲି ଉଲ୍ଲେଖ କରି ସେ ଅଙ୍ଗନବାଡ଼ି କେନ୍ଦ୍ର ଏବଂ ଏହାର ଆଖପାଖ ଅଞ୍ଚଳକୁ ସ୍ୱଚ୍ଛତା ସମ୍ପର୍କିତ ଆଚରଣଗତ ପରିବର୍ତ୍ତନର ପ୍ରମୁଖ ମାଧ୍ୟମ ଭାବେ ବ୍ୟବହାର କରିବାକୁ ପ୍ରଧାନମନ୍ତ୍ରୀ କହିଛନ୍ତି।

## ସିନ୍ଧିଆ-ଷ୍ଟ୍ରାଇକ୍

କେନ୍ଦ୍ର ଯୋଗାଯୋଗ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ କହିଛନ୍ତି, ଭାରତ କୌଣସି କ୍ଷେତ୍ରରେ ଏକାଧିକାରକୁ ଅନୁମତି ଦିଏନାହିଁ। ଭାରତରେ ଷ୍ଟାରଲିଙ୍କ୍‌କୁ ଲାଇସେନ୍ସ ପ୍ରଦାନ ପ୍ରସଙ୍ଗରେ କଂଗ୍ରେସର ଆଭିମୁଖ୍ୟକୁ ମଧ୍ୟ ସେ ସମାଲୋଚନା କରିଛନ୍ତି।

ଗତକାଲି ନୂଆଦିଲ୍ଲୀରେ ଆୟୋଜିତ ଦଶମ ଇଣ୍ଡିଆ ମୋବାଇଲ୍ କଂଗ୍ରେସ-୨୦୨୬ରେ ଉଦ୍‌ବୋଧନ ଦେଇ ଶ୍ରୀ ସିନ୍ଧିଆ କହିଛନ୍ତି, ଷ୍ଟାରଲିଙ୍କ୍, ଜିଓ ସାଟେଲାଇଟ୍ କମ୍ୟୁନିକେସନ୍ସ ଏବଂ ଇଉଟେଲ୍‌ସାଟ୍ ୱାନ୍‌ୱେବ୍‌କୁ ଉପଗ୍ରହ ଯୋଗାଯୋଗ ସେବା ପ୍ରଦାନ ପାଇଁ ଲାଇସେନ୍ସ ମିଳିଛି। ନିର୍ଦ୍ଧାରିତ ଢାଞ୍ଚା ଚୂଡ଼ାନ୍ତ ହେବା ପରେ ରାଜସ୍ୱ ବଣ୍ଟନ ଆଧାରରେ ଏହି କମ୍ପାନୀଗୁଡ଼ିକୁ ସ୍ପେକ୍ଟ୍ରମ୍ ଆବଣ୍ଟନ କରାଯିବ।

ମନ୍ତ୍ରୀ ସ୍ପଷ୍ଟ କରିଛନ୍ତି ଯେ, ପ୍ରତ୍ୟେକ କମ୍ପାନୀ ନିର୍ଦ୍ଧାରିତ ସୁରକ୍ଷା ମାନଦଣ୍ଡ ଓ ଅନ୍ୟାନ୍ୟ ନିୟାମକ ସର୍ତ୍ତ ପୂରଣ କରିବା ପରେ ହିଁ ସେବା ଆରମ୍ଭ କରିପାରିବେ। ଗ୍ରାହକମାନଙ୍କୁ ବିଭିନ୍ନ ସେବାର ବିକଳ୍ପ ଯୋଗାଇଦେବା ଏବଂ ଏକ ମୁକ୍ତ ବଜାର ବ୍ୟବସ୍ଥାରେ ନିଜ ପସନ୍ଦର ସେବା ବାଛିବାର ସୁଯୋଗ ଦେବା ସରକାରଙ୍କ ଦାୟିତ୍ୱ ବୋଲି ସେ କହିଛନ୍ତି।

ଅନ୍ୟପକ୍ଷରେ, ଯୋଗାଯୋଗ ମନ୍ତ୍ରଣାଳୟ କହିଛି, ଉପଗ୍ରହ ଯୋଗାଯୋଗ ସେବା ପାଇଁ ଭାରତର ନିୟାମକ ବ୍ୟବସ୍ଥା ନିରପେକ୍ଷତା ଅବଲମ୍ବନ କରିଥାଏ। ଲାଇସେନ୍ସର ସର୍ତ୍ତାବଳୀ ଅନୁଯାୟୀ, ସମସ୍ତ ଲାଇସେନ୍ସଧାରୀଙ୍କୁ ସୁରକ୍ଷା ସମ୍ବନ୍ଧୀୟ ନିୟମ ପାଳନ କରୁଥିବା ପ୍ରମାଣ କରିବାକୁ ପଡ଼ିବ। ଏହାଦ୍ୱାରା ସେବାରେ ଆବଶ୍ୟକ ସୁରକ୍ଷା ମାନଦଣ୍ଡ ବଜାୟ ରହିବା ସହ ଉପଭୋକ୍ତା ଓ ସେମାନଙ୍କ ତଥ୍ୟର ସୁରକ୍ଷା ସୁନିଶ୍ଚିତ ହୋଇପାରିବ ବୋଲି ସେ କହିଛନ୍ତି ।

# ପିଏମ୍-ୱାର୍ଲ୍ଡସ୍କିଲ୍ କମ୍ପିଟିସନ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ଦ୍ରୁତ ବୈଶ୍ୱିକ ବିକାଶ ଦୃଷ୍ଟିରୁ ଯୁବବର୍ଗ ନୂତନ ପ୍ରଯୁକ୍ତିବିଦ୍ୟା ଗ୍ରହଣ କରିବା ସହ ନିରନ୍ତର ଭାବେ ସେମାନଙ୍କର ଦକ୍ଷତା ଉନ୍ନିତ କରିବାର ଆବଶ୍ୟକତା ରହିଛି । ନୂଆଦିଲ୍ଲୀଠାରେ ପ୍ରଧାନମନ୍ତ୍ରୀଙ୍କ ବାସଭବନଠାରେ ଆୟୋଜିତ ବିଶ୍ୱ ଦକ୍ଷତା ପ୍ରତିଯୋଗିତା ସାଂଘାଇ ୨୦୨୬ର ଭାରତୀୟ ପ୍ରତିଯୋଗୀମାନଙ୍କ ସହ ବାର୍ତ୍ତାଳାପ ସମୟରେ ଶ୍ରୀ ମୋଦୀ ଏହା କହିଛନ୍ତି ।

ବିଶ୍ୱ ମଞ୍ଚରେ ଭାରତୀୟ ପ୍ରତିଯୋଗୀମାନଙ୍କ କାର୍ଯ୍ୟ ଦକ୍ଷତାକୁ ଭୂୟସୀ ପ୍ରଶଂସା କରିବା ସହ ସେମାନଙ୍କୁ ଶୁଭେଚ୍ଛା ଜଣାଇ ଶ୍ରୀ ମୋଦୀ ସେମାନଙ୍କୁ ଆନ୍ତର୍ଜାତିକ ବଜାର ଅନୁଯାୟୀ ଆବଶ୍ୟକୀୟ ଦକ୍ଷତାର ବିକାଶ ପାଇଁ ଆହ୍ୱାନ ଦେଇଛନ୍ତି । ସେମାନଙ୍କର ଅଭିଜ୍ଞତା ଏବଂ ପରାମର୍ଶ ଜରିଆରେ ଭାରତର ଦକ୍ଷତା ପ୍ରଶିକ୍ଷଣ ବ୍ୟବସ୍ଥାର ବିକାଶ ପାଇଁ ସେ ପରାମର୍ଶ ଦେଇଥିଲେ । ଭାରତକୁ ଏକ ବିଶ୍ୱ ଶ୍ରେଣୀୟ ଦକ୍ଷ ମାନବ ସମ୍ବଳ କେନ୍ଦ୍ର ଭାବେ ଗଢ଼ିତୋଳିବା ଲାଗି ସରକାରଙ୍କ ପକ୍ଷରୁ ଉଦ୍ୟମ ହେଉଥିବା ପ୍ରଧାନମନ୍ତ୍ରୀ କହିଛନ୍ତି । ଏଥିନିମନ୍ତେ ଯୁବବର୍ଗଙ୍କର ସହଯୋଗର ଆବଶ୍ୟକତା ଉପରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱ ପ୍ରଦାନ କରିଛନ୍ତି ।

ଯୁବବର୍ଗଙ୍କ ସହ ଏହି ମତବିନିମୟ କାର୍ଯ୍ୟକ୍ରମରେ ଶ୍ରୀ ମୋଦୀ ଶିକ୍ଷାଗତ ଡିଗ୍ରୀ ସହିତ ବ୍ୟାବହାରିକ ଜ୍ଞାନ ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି । ଏଥିନିମନ୍ତେ ଦକ୍ଷତା ବିକାଶ ପାଇଁ ସ୍ୱତନ୍ତ୍ର ମନ୍ତ୍ରଣାଳୟ ଗଠନ

କରାଯାଇଥିଲା ବୋଲି ସେ କହିଛନ୍ତି । ବିଭିନ୍ନ ଦକ୍ଷତା ପ୍ରଶିକ୍ଷଣ ସଂସ୍ଥାନଗୁଡ଼ିକରେ ବହୁ ସଂଖ୍ୟକ ଯୁବବର୍ଗଙ୍କୁ ପ୍ରଶିକ୍ଷଣ ଦିଆଯାଇପାରିଛି ।

ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣକାରୀ ପ୍ରତିଯୋଗିତାରେ ତାଙ୍କର ରହିଥିବା ଅଭିଜ୍ଞତା ସମ୍ପର୍କରେ ମତ ପ୍ରକାଶ କରିଥିଲେ । ବିଶ୍ୱ ମଞ୍ଚରେ ଭାରତ ପାଇଁ ପ୍ରତିନିଧିତ୍ୱ କରୁଥିବାରୁ ସେମାନେ ନିଜକୁ ଗର୍ବିତ ମନେ କରିଥିଲେ । ଅଂଶଗ୍ରହଣକାରୀମାନେ ନୂତନ ଯନ୍ତ୍ରାଂଶ, ସଫ୍ଟୱେୟାର୍, ବୈଶ୍ୱିକ ବ୍ୟବସ୍ଥା ଏବଂ କାର୍ଯ୍ୟଶୈଳୀ ସମ୍ପର୍କରେ ଆଲୋଚନା କରିଥିଲେ । ଚୀନ୍‌ର ସାଂଘାଇ ଠାରେ ଗତମାସ ୨୨ରୁ ୨୭ ତାରିଖ ମଧ୍ୟରେ ୪୮ତମ ବିଶ୍ୱ ଦକ୍ଷତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏଥିରେ ଭାରତ ଦଶମ ସ୍ଥାନ ଅଧିକାର କରିଥିଲା । ଭାରତୀୟ ଦଳ ୬ଟି ରୌପ୍ୟ ପଦକ ଏବଂ ଉତ୍କର୍ଷ ପାଇଁ ୨୦ଟି ପଦକ ଲାଭ କରିଥିଲେ ।

## ଭିପି-ଝାଡ଼ଖଣ୍ଡ ଭିଜିଟ୍

ଉପରାଷ୍ଟ୍ରପତି ସି.ପି. ରାଧାକୃଷ୍ଣନ୍ ଆଜି ଝାଡ଼ଖଣ୍ଡର ଦେଓଘର ଗସ୍ତ କରିବେ । ଏହି ଗସ୍ତ କାଳରେ ଉପରାଷ୍ଟ୍ରପତି ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ (ଏମ୍ସ୍) ଦେଓଘରର ଦ୍ୱିତୀୟ ସମାବର୍ତ୍ତନ ସମାରୋହରେ ଯୋଗଦେବେ । ଉପରାଷ୍ଟ୍ରପତି ମଧ୍ୟ ଦେଓଘର ସ୍ଥିତ ବି.ବି.ଏମ୍.ଟି. ହସ୍ପିଟାଲ୍ ଠାରେ ସୈନ୍ୟ ସମ୍ପର୍କ ମେଳା ପରିଦର୍ଶନ କରିବେ ।

# ଜୟଶଙ୍କର-ଇଥିଓପିଆ ପିଏମ୍

ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଇଥିଓପିଆର ରାଜଧାନୀ ଆଦିସ୍ ଆବାବାଠାରେ ଇଥିଓପିଆର ପ୍ରଧାନମନ୍ତ୍ରୀ ଆବି ଅହମଦ ଅଲିଙ୍କୁ ସାକ୍ଷାତ କରିଛନ୍ତି। ଏହି ଅବସରରେ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଶୁଭେଚ୍ଛା ଜଣାଇଛନ୍ତି ।

ସାମାଜିକ ଗଣମାଧ୍ୟମ ପୋଷ୍ଟ୍‌ରେ ଡକ୍ଟର ଜୟଶଙ୍କର କହିଛନ୍ତି, ଗତ କିଛି ବର୍ଷ ମଧ୍ୟରେ ଭାରତ ଓ ଇଥିଓପିଆ ମଧ୍ୟରେ ଦ୍ୱିପାକ୍ଷିକ ସହଯୋଗରେ ଉଲ୍ଲେଖନୀୟ ଅଗ୍ରଗତି ଘଟିଛି। ଉଭୟ ଦେଶର ବିକାଶମୂଳକ ଲକ୍ଷ୍ୟ ଓ ଗ୍ଲୋବାଲ୍ ସାଉଥ୍ ସହଯୋଗର ଭାବନାକୁ ପ୍ରତିଫଳିତ କରୁଛି।

ଏକ ସଭାରେ ଉଦ୍‌ବୋଧନ ଦେଇ ଡକ୍ଟର ଜୟଶଙ୍କର କହିଛନ୍ତି, ବିଶ୍ୱର ଦକ୍ଷିଣ ଭାଗର ବିକାଶଶୀଳ ଦେଶଗୁଡ଼ିକର ସମସ୍ୟା ଓ ଚିନ୍ତାକୁ ଆନ୍ତର୍ଜାତିକ ସ୍ତରରେ ଅଧିକ ଦୃଢ଼ତାର ସହ ଉପସ୍ଥାପନ କରିବା ପାଇଁ ଭାରତ ଓ ଆଫ୍ରିକୀୟ ଦେଶଗୁଡ଼ିକ ମିଳିତ ଭାବେ କାର୍ଯ୍ୟ କରିବା ଆବଶ୍ୟକ। ବିଶ୍ୱରେ ଦେଖାଦେଇଥିବା ସଂକଟ ସମୟରେ ବିକାଶଶୀଳ ଦେଶଗୁଡ଼ିକ ଉପରେ ପଡୁଥିବା ପ୍ରଭାବକୁ ଅଣଦେଖା କରାଯାଇପାରିବ ନାହିଁ ବୋଲି ସେ କହିଛନ୍ତି।

# ବନ୍ଦେ ଭାରତ ଟ୍ରେନ୍ସ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଗତ ୨୫ ବର୍ଷରେ ଦେଶରେ ଜନସେବାରୁ ଦେଶସେବା ମନ୍ତ୍ରକୁ ଆଧାର କରି ବିକାଶ ଯାତ୍ରା ଜାରି ରହିଛି । ଏହି କ୍ରମରେ ଆଜି ଆସନ୍ତୁ ଜାଣିବା ଭାରତର ରେଳବାଇ କ୍ଷେତ୍ରର ବିକାଶ ସମ୍ପର୍କରେ ।

ବନ୍ଦେ ଭାରତ ଟ୍ରେନ୍ ଭାରତର ରେଳବାଇ କ୍ଷେତ୍ରରେ ସ୍ୱଦେଶୀ ଜ୍ଞାନକୌଶଳ ଓ ଆତ୍ମନିର୍ଭରଶୀଳତାର ଏକ ନୂଆ ଅଧ୍ୟାୟ ଯୋଡ଼ିଛି । ଏକଦା ଦ୍ରୁତଗତିର ଟ୍ରେନ୍ ନିର୍ମାଣ ପାଇଁ ଭାରତ ବିଦେଶୀ ଜ୍ଞାନକୌଶଳ ଉପରେ ନିର୍ଭର କରୁଥିବାବେଳେ, ବନ୍ଦେ ଭାରତ ଦେଶରେ ନିଜସ୍ୱ ଜ୍ଞାନକୌଶଳରେ ଆଧୁନିକ ଅର୍ଦ୍ଧ-ଦ୍ରୁତଗାମୀ ଟ୍ରେନ୍ ନିର୍ମାଣର ଏକ ନୂଆ ଦିଗ ଉନ୍ମୋଚନ କରିଛି ।

ଭାରତର ପ୍ରଥମ ସ୍ୱଦେଶୀ ଅର୍ଦ୍ଧ-ଦ୍ରୁତଗାମୀ ଟ୍ରେନ୍ ଭାବେ ବନ୍ଦେ ଭାରତର ବିକାଶ କରାଯାଇଛି । ଏହାଦ୍ୱାରା ପ୍ରମୁଖ ସହରଗୁଡ଼ିକ ମଧ୍ୟରେ ଯାତ୍ରା ସମୟ ହ୍ରାସ ପାଇବା ସହ ଯାତ୍ରୀଙ୍କ ଆରାମ, ସୁରକ୍ଷା ଓ ଅତ୍ୟାଧୁନିକ ଯାତ୍ରୀ ସୁବିଧାରେ ଉନ୍ନତି ହୋଇପାରିଛି ।

ବନ୍ଦେ ଭାରତ ଟ୍ରେନ୍ ପ୍ରମାଣିତ କରିଛି ଯେ ଭାରତ ନିଜସ୍ୱ ଜ୍ଞାନକୌଶଳରେ ଆଧୁନିକ ରେଳଯାନର ପରିକଳ୍ପନା, ନିର୍ମାଣ ଓ ପରିଚାଳନା କରିବାରେ ସକ୍ଷମ । ବିଭିନ୍ନ ରେଳପଥରେ ଏହି ଟ୍ରେନ୍‌ର

ସମ୍ପ୍ରସାରଣ ଦେଶର ସ୍ୱଦେଶୀ ଉତ୍ପାଦନ କ୍ଷମତାକୁ ଆହୁରି ମଜବୁତ କରୁଛି।

ଜଟିଳ ଯାନ୍ତ୍ରିକ ବ୍ୟବସ୍ଥା କ୍ଷେତ୍ରରେ ମଧ୍ୟ ଆତ୍ମନିର୍ଭରଶୀଳତା ହାସଲ କରିବା ସମ୍ଭବ ବୋଲି ବନ୍ଦେ ଭାରତ ପ୍ରମାଣିତ କରିଛି। ଏହା ସହିତ ବଢୁଥିବା ମଧ୍ୟବିତ୍ତ ବର୍ଗର ଆବଶ୍ୟକତା ପୂରଣ, ଯାତ୍ରାକୁ ସହଜ କରିବା ଏବଂ ଲୋକଙ୍କ ଆକାଂକ୍ଷା ଓ ସୁଯୋଗକୁ ଆହୁରି ବ୍ୟାପକ କରିବାର ଲକ୍ଷ୍ୟକୁ ମଧ୍ୟ ଏହା ପ୍ରତିଫଳିତ କରୁଛି।

ବନ୍ଦେ ଭାରତ ଟ୍ରେନ୍ ଏହିପରି ଭାବେ ଆଧୁନିକ ରେଳ ପରିବହନ କ୍ଷେତ୍ରରେ ଭାରତର ବୈଷୟିକ ଦକ୍ଷତା, ସ୍ୱଦେଶୀ ନିର୍ମାଣ କ୍ଷମତା ଓ ଆତ୍ମନିର୍ଭର ଭାରତର ସଂକଳ୍ପକୁ ପ୍ରତିପାଦିତ କରୁଛି।

## କ୍ରିକେଟ୍

ଟି-ଟ୍ୱେଣ୍ଟି ଆନ୍ତର୍ଜାତିକ କ୍ରିକେଟ୍ ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜ୍ ୬ ୱିକେଟ୍‌ରେ ଭାରତକୁ ପରାସ୍ତ କରିଛି । ଗତସନ୍ଧ୍ୟାରେ ରାଞ୍ଚିରେ ଅନୁଷ୍ଠିତ ମ୍ୟାଚ୍‌ରେ ୨୫୦ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ୱେଷ୍ଟଇଣ୍ଡିଜ୍ ୧୮ ଓଭର ୩ଟି ବଲ୍‌ରେ ୪ ୱିକେଟ୍ ହରାଇ ୨୫୨ରନ୍ ସ୍କୋର କରିଥିଲା । ପ୍ରଥମେ ବ୍ୟାଟିଂ କରି ଭାରତ ନିର୍ଦ୍ଧାରିତ ୨୦ ଓଭରରେ ୫ୱିକେଟ୍ ବିନିମୟରେ ୨୪୯ରନ୍ ସ୍କୋର କରିଥିଲା । ଏହି ବିଜୟ ସହ

ଉଭୟ ଦଳ ଗୋଟିଏ ଲେଖାଏଁ ମ୍ୟାଚ୍ ଜିତି ସମାନ ସ୍ଥିତିରେ ରହିଛନ୍ତି । ଆସନ୍ତାକାଲି ଇନ୍ଦୋରରେ ସନ୍ଧ୍ୟା ୭ଟା ସମୟରେ ଏହି ସିରିଜ୍‌ର ତୃତୀୟ ମ୍ୟାଚ୍ ଖେଳାଯିବ ।